# Akashvani, Sambalpur

## SAMBALPURI NEWS BULLETIN

### 26 November 2025 – 6.47- 6.52 am.

**********************************************

ସମ୍ବିଧାନ ଦିବସ          I&PR/ଏନ୍‌ଏସ୍‌ଡି

ଆଏଜ୍ ହେଉଛେ ଭାରତୀୟ ସମ୍ବିଧାନ୍ ଦିବସ୍ । ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ନେତୃତ୍ୱଥି ତିଆର୍ ହେଇଥିବା ଭାରତୀୟ ସମ୍ବିଧାନ ୧୯୪୯ ମସିହା ଆଝିର୍ ଦିନେ ସମ୍ବିଧାନ୍ ସଭାଥି ଗୃହିତ ହେଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖ୍ ଦିନ ଦେଶେ ନୂଆ ସମ୍ବିଧାନ୍ ଲାଗୁ ହେଇଥିଲା ।  ଇତାକେ ସୁରତା କର୍‌ବାର ଲାଗି ଫି ବଛର୍ ଆଝିରର୍ ଦିନ୍‌କେ ସାରା ଦେଶେ ସମ୍ବିଧାନ ଦିବସ୍ ଭାବେ ପାଳନ୍ କରାଯାଉଛେ । ଇ ଅବ୍‌ସରେ ନୂଆଦିଲ୍ଲୀ ସମ୍ବିଧାନ୍ ସଦନ୍‌ର କେନ୍ଦ୍ରୀୟ ହଲ୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ହେଉଛେ ।

ସମ୍ବିଧାନ ଦିବସ ଆଉ ଜନଜାଗରଣ ନେତା ବିରେନ୍ଦ୍ର ମିତ୍ରଙ୍କର ଜୟନ୍ତୀ ସମାରୋହ ଆଏଜ୍ ସଞ୍ଜବେଲା ୬ ବଜେ ଭୁବନେଶ୍ୱର ଜୟଦେବ ଭବନ୍‌ଠାନେ ହେବା । କାର୍ଯ୍ୟକ୍ରମ୍‌ଥି ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର୍ ଆଘର ମୁଖ୍ୟ ବିଚାରପତି ଆଉ ଜାତୀୟ ମାନବାଧିକାର କମିଶନ୍‌ର ସଦସ୍ୟ ଜଷ୍ଟିସ ଡକ୍ଟର ବି.ଆର୍. ଷଡ଼ଙ୍ଗୀ ମୁଖ୍ୟ ଅତିଥି

ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ । ତାର୍ ଆଗୋନୁ ଆଏଜ୍ ସଖାଲ ବେଲା ଭୁବନେଶ୍ୱର ଜୟଦେବ ବିହାର ଛକ ନଥିବା ଥିବା ସ୍ୱର୍ଗତ ମିତ୍ରଙ୍କର ପ୍ରତିମୂର୍ତିଥି ଅତିଥିମାନେ ଫୁଲ୍‌ମାଲା ଚଢ଼ାବେ ।

ମୁଖ୍ୟମନ୍ତ୍ରୀ ନିଯୁକ୍ତି ମେଲା I&PR

ଦୁର୍ନୀତି କେରିଅର୍ ଲାଗି ବିପଦ ଆଏ, ହେଥିର୍‌ଲାଗି ଦୁର୍ନୀତି ନୁ ଦୁରେ ରହେବାର୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆକରି ନିଯୁକ୍ତି ପାଇଥିବା ପ୍ରାର୍ଥୀମାନ୍‌ଙ୍କୁ ପରାମର୍ଶ ଦେଇଛନ୍ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ନ ଗଲାକାଏଲ୍ ହେଇଥିବା ୧୨ ନମ୍ବର ନିଯୁକ୍ତି ମେଲା ଆଉ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରାର୍ଥମାନ୍‌ଙ୍କୁ ମନ୍ ଦେଇକରି କାମ୍, ଭଲ ପ୍ରଦର୍ଶନ୍, ସମିଆ ଅନ୍‌ସାରେ ଜ୍ଞାନ୍ ଅର୍ଜନ୍ କର୍‌ବାର ଆଉ ନିଜର ଇଛା ରଖ୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୧୨ଟା ବିଭାଗର ୭ ହଜାର ୨ ଶହ ୯୩ ଝନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଂଟିଛନ୍ ।

ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର I&PR

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫ଼ୁ ଆଏଜ୍ ୨୦୨୩, ୨୦୨୪ ଆଉ ୨୦୨୫ ବଛର୍ ଲାଗି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର, ଏକାଡେମୀ ପୁରସ୍କାର ଉପାୟନ ଆଉ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପ୍ରତିଭା ପୁରସ୍କାର ଦିଆଯିବା । ଭୁବନେଶ୍ୱର ଲୋକ ସେବା ଭବନ ସମ୍ମିଲନୀ କକ୍ଷ ନ ଉପରବେଲା ୪ ବଜେ ହେବାର୍‌କେ ଥିବା କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ବିଜେତାମାନ୍‌ଙ୍କୁ ପୁରସ୍କୃତ୍ କର୍‌ବେ ।

ଉଚ୍ଚ ଶିକ୍ଷା ବିଭାଗ ନିଯୁକ୍ତି I&PR

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ୍ ତିର୍‌ଫ଼ୁ ଆଏଜ୍ ଅନୁଦାନ ପାଇଥିବା ବେସରକାରୀ ମହାବିଦ୍ୟାଳୟ ନ ୩୪ ଝନ୍‌ଙ୍କୁ ଅନୁକମ୍ପା ମୂଳକ୍ ନିଯୁକ୍ତି ଦିଆଯିବା । ଇତାର୍ ସହେତେ ବିଦେଶ ଶିକ୍ଷାବୃତି ଯୋଜ୍‌ନାର ଶୁଭାରମ୍ଭ କରାଯିବା । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ ସେଂଟର ଅଡିଟୋରିୟମ୍ ନ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମଥି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେବାର କାର୍ଯ୍ୟସୂଚୀ ରହିଛେ ।

ଦୁଗ୍ଧ ଦିବସ I&PR

ଆଏଜ୍ ହଉଛେ ଜାତୀୟ ଦୁଗ୍ଧ ଦିବସ୍ । ଭାରତର ଶ୍ୱେତ ବିପ୍ଳବର ମୁଖ୍ୟ ପୁରୋଧା ପଦ୍ମବିଭୂଷଣ ଭର୍ଗିଜ୍ କୁରିଏନ୍‌ଙ୍କ ଜନମ୍ ଦିନ୍‌କେ ସାରା ଦେଶେ ଜାତୀୟ ଦୁଗ୍ଧ ଦିବସ୍ ଭାବେ ୨୦୧୪ ମସିହାନୁ ପାଲନ୍ କରାଯାଉଛେ । ତାଙ୍କର ଚେରେଷ୍ଟାଥି ଆଏଜ୍ ଭାରତ୍ ପୁର୍‌ଥି ସବୁନୁ ବଡ଼ ଗୁରସ୍ ଉତ୍ପାଦନ୍‌କାରୀ ଦେଶ୍ ହେଇପାରିଛେ । ୨୦୨୬ ମସିହା ବେଲ୍‌କେ ଭାରତର୍ ଗୁରସ୍ ଉତ୍ପାଦନ ୨୪ କୋଟି ଅଏତ୍‌କା ଟନ୍‌କେ ପୁହୁଚିବା, ଯେନ୍‌ଟାକି ପାରା ପୁର୍‌ଥିର୍ ୩୨ ପ୍ରତିଶତ୍ ଆଏ ।

ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ବିଭାଗ୍ ତର୍‌ଫୁ ଭୁବନେଶ୍ୱର ନ ଥିବା ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ନ ଆଏଜ୍ ରାଜ୍ୟସ୍ତରୀୟ ଜାତୀୟ ଦୁଗ୍ଧ ଦିବସ ପାଲନ୍ କରାଯିବା । କାର୍ଯ୍ୟକ୍ରମଥି ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବାର କାର୍ଯ୍ୟସୂଚୀ ରହିଛେ ।

ଚଳଚ୍ଚିତ୍ର ମହୋତ୍ସବ ଏନ୍‌ଏସ୍‌ଡି

ଗୋଆ ନ ଚାଲିଥିବା ୫୬ ନମ୍ବର ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବଥି ଗଲାକାଏଲ୍ ବହୁତ୍‌ଟେ ବିଦେଶୀ ସିନ୍‌ମା ସହେତେ ଓଡ଼ିଆ ସିନ୍‌ମା 'ବିନ୍ଦୁ ସାଗର'ର ପ୍ରଦର୍ଶନ୍ କରାଯାଇଥିଲା । ଅଭିଶେକ ସ୍ୱାଇଁଙ୍କର ନିର୍ଦ୍ଦେଶିତ୍ ସଙ୍ଗୀତ ଭିତିକ ଇ ପାରିବାରିକ୍ ସିନ୍‌ମା ଦେଶ୍ ବିଦେଶ୍‌ର

ଦର୍ଶକଙ୍କର ପ୍ରଶଂସା ପାଇଥିଲା । ସିନ୍‌ମା ପ୍ରଦର୍ଶନ୍ ଅବ୍‌ସରେ ତାର୍ କଲାକାର ଆଉ ନିର୍ମାତା ନିର୍ଦ୍ଦେଶକ ମହୋତ୍ସବର୍ ରେଡ୍ କାର୍ପେଟ୍ ନ ଉପସ୍ଥିତ ରହିକରି ସିନ୍‌ମା ବାବ୍‌ଦେ ବ୍ୟାଖ୍ୟା କରିଥିଲେ ।

ଡେବ୍ରିଗଡ଼- ହୋମ୍‌ଷ୍ଟେ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଜଙ୍ଗଲ ବିଭାଗ ତର୍‌ଫୁ ବରଗଡ଼ ଜିଲ୍ଲାର ଡେବ୍ରିଗଡ଼ ଅଭୟରାଣ୍ୟ ଇଲାକା ନଥିବା ଧୋଡ୍ରାକୁସୁମ ଗାଁ ନ ପହେଲାକରି ଗ୍ରାମୀଣ ହୋମ୍-ଷ୍ଟେ ବ୍ୟବସ୍ଥା ମୁଲ୍ କରାଯାଇଛେ । ଅଭୟାରଣ୍ୟର ବନ୍ୟପ୍ରାଣୀ, ସଂସ୍କୃତି ସାଙ୍ଗେ ଜୁଡ଼ି ହେବାର୍ ସହେତେ ଇତାର ଉପ୍‌ରେ ଆଧାରିତ୍ ଜଙ୍ଗଲ କାହାଣୀ ଆଉ ଲୋକ କଥା ବାବ୍‌ଦେ ପର୍ଯ୍ୟଟକ୍‌ମାନ୍‌ଙ୍କୁ ଜନାବାର୍‌ଟା ଇତାର ମୁଖ୍ୟ ଲକ୍ଷ୍ୟ ଆଏ । ପରୀକ୍ଷାମୂଲକ୍ ଭାବେ ପହେଲା କରି ୫ଟା ହୋମ୍-ଷ୍ଟେ ବ୍ୟବସ୍ଥା କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚ୍‌ନା ଦେଇଛନ୍ ।

ବିଶ୍ୱବିଦ୍ୟାଳୟ ନିଯୁକ୍ତିମେଳା   ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ବିଶ୍ୱବିଦ୍ୟାଳୟର ନିଯୁକ୍ତି ଶାଖା ତର୍‌ଫୁ ଗଲାକାଏଲ୍ ପରିସର ନ ନିଯୁକ୍ତି ମେଲାର୍ ଆୟୋଜନ୍ କରାଯାଇଥିଲା । ମେଲାଥି ୬

ଶହନୁ ଅଏତ୍‌କା ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିଲେ । ସେଥିର୍ ଭିତ୍‌ରୁ ୬୦ ପ୍ରତିଶତ ଭିନ୍ ଭିନ୍ ସ୍ନାତକୋତର ବିଭାଗ୍ ଆଉ ସଂଯୁକ୍ତ ପ୍ରତିଷ୍ଠାନ୍‌ର ଛାତ୍ରଛାତ୍ରୀ ଥିଲେ । କାର୍ଯ୍ୟକ୍ରମ୍‌କେ କୁଲପତି ପ୍ରଫେସର ବିଧୁଭୂଷଣ ମିଶ୍ର ଉଦ୍‌ଘାଟନ୍ କରିଥିଲେ ।

ଦେବଗଡ଼ ଧାନଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବଗଡ଼ ଜିଲ୍ଲା ନ ଆଏବା ୧୯ ତାରିଖ୍ ନୁ ଧାନ ଘିନା ମୁଲ୍ ହେବା । ଜିଲ୍ଲାପାଲ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ଧାନ ଘିନା କମିଟି ପ୍ରସ୍ତୁତି ବୈଠକ୍‌ନୁ ଇ ସୂଚ୍‌ନା ମିଳିଛେ । ଇହାଦେତକ୍ ଜିଲ୍ଲା ନ ୨୧ ହଜାର ୪ ଶହ ୧୪ ଝନ୍ ଚାଷୀ ଧାନ୍ ବିକ୍‌ବାର୍‌କେ ପଞ୍ଜିକରଣ କରିଛନ୍ ।

ଧାନ୍ ଘିନା କମିଟି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ମାସର୍ ୩ ତାରିଖ୍‌ନୁ ଧାନ୍ ଘିନା ମୁଲ୍ ହେବା । ଇଥର ୬୮ ଟା ପେକ୍ସ ଆଉ ୧୦ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଧାନ୍ ଘିନାଯିବା । ଇ ବାବ୍‌ଦେ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ଜିଲ୍ଲା ଧାନ୍ ଘିନା କମିଟି ବୈଠକ୍‌ଥି

ନିଷ୍ପତି ନିଆଯାଇଛେ । ଇ ବଛର୍ ଧାନ୍ ବିକ୍‌ବାର୍‌କେ ଜିଲ୍ଲାର୍ ୫୧ ହଜାର୍ ୩ ଶହ ୪୧ ଝନ୍ ଚାଷୀ ପଞ୍ଜିକୃତ ହେଇଥିବାର୍ ବୈଠକ୍‌ନୁ ଜନାପଡ଼ିଛେ ।

ଅଗ୍ନିପଥ ରାଲି ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ମାସ ୨୯ ତାରିଖ୍‌ନୁ ଡିସେମ୍ବର ୫ ତାରିଖ୍ ତକ୍ ସମ୍ବଲପୁର ନ ସ୍ଥଳ ସେନାଥି ଭର୍ତି ଲାଗି ରେଲିର ଆୟୋଜନ୍ କରାଯିବା । ସହରର ଜମାଦାରପାଲି ବିମାନ ପଡ଼ିଆ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମଥି ଅଗ୍ନିପଥ ଯୋଜ୍‌ନାଥି ବଛା ହେଇଥିବା ଆଶାୟୀ ପ୍ରାର୍ଥୀମାନେ ଭାଗ୍ ନେବେ । ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷାଥି ବଛା ହେଇଥିବା ପରୀକ୍ଷାର୍ଥୀମାନ୍‌କୁ ଶାରୀରିକ ସୁସ୍ଥତା ଆଉ ଡାକ୍ତରୀ ପରୀକ୍ଷା ଲାଗି ଇଥି ଡକାଯାଇଛେ ।